# ଜଗତସିଂହପୁର ଜିଲ୍ଲାର ଓଡ଼ିଶୋ ଗ୍ରାମର ମହିଳା ବୁଣାକାରମାନଙ୍କର ଆୟ ବୃଦ୍ଧିପାଇଁ ନୂତନ ଡିଜାଇନ୍ ଓ ନୂତନ ପ୍ରକାରର ଲୁଗା ବୁଣିବାପାଇଁ ପ୍ରଶିକ୍ଷଣ

ସାଧାରଣ ମଣିଷର ମୌଳିକ ଆବଶ୍ୟକତା (ରୋଟି, କପଡା ଓ ମକାନ) ମଧ୍ୟରୁ, ଖାଦ୍ୟ ପରେ "ବସ୍ତ୍ର" ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ବୁଣାକାରମାନେ ଯୁଗଯୁଗ ଧରି ହସ୍ତତନ୍ତରେ ଲୁଗାବୁଣି, ଏହି ମୌଳିକ ଆବଶ୍ୟକତାଟିକୁ ପୂରଣ କରିଆସୁଥିଲେ । ସାଧାରଣ ଲୋକଙ୍କଠାରୁ ଧନୀ, ରାଜାରାଜୁଡ଼ା ପର୍ଯ୍ୟନ୍ତ ସମସ୍ତଙ୍କ ଲଜ୍ୟା ନିବାରଣ ତଥା ଘର ବାହାରେ ନିଜର ପ୍ରାଧାନ୍ୟ ବଜାୟ ରଖିବାପାଇଁ ବୁଣାକାରମାନଙ୍କର **"ବସ୍ତ୍ର ରୂପୀ ଅବଦାନ"**ର ଗୁରୁତ୍ୱ ଅପରିସୀମ ।

ଊନବିଂଶ ଶତାବ୍ଦୀରେ ଶିଳ୍ପ ବିପ୍ଳବର ପ୍ରଭାବରେ, କଳତନ୍ତରେ ଲୁଗା ବୁଣିବା ଇଉରୋପ ମହାଦେଶରେ ଆରମ୍ଭ ହୋଇଥିଲା । ଏହା କ୍ରମଶଃ ଅନ୍ୟ ଦେଶ ଏବଂ ଭାରତକୁ ବ୍ୟାପିଗଲା । କଳତନ୍ତ (ପାୱାରଲୁମ) ଓ ଲୁଗାକଳରେ ମେସିନରେ ବୁଣା

ଲୁଗାର ଦାମ ହସ୍ତତନ୍ତରେ ବୁଣା ଲୁଗାର ଦାମ ତୁଳନାରେ **କମ୍ ହୋଇଥିବାରୁ,** ଏହା ସାଧାରଣ ଲୋକଙ୍କର ଅଧିକ ପସନ୍ଦ ହେଲା । ଫଳରେ ବଜାରରେ ହସ୍ତତନ୍ତ ଲୁଗାର ଥିବା ଏକଚାଟିଆ ମାଲିକାନା କ୍ରମଶଃ ଲୋପ ପାଇଗଲା ଏବଂ ବଜାରରେ ହସ୍ତତନ୍ତ ଲୁଗାର ଚାହିଦା ଅନେକ ପରିମାଣରେ କମିଗଲା ।

ସ୍ୱାଧୀନତା ପରେ ଗ୍ରାମାଞ୍ଚଳର ବୁଣାକାରମାନେ ବୁଣୁଥିବା ଲୁଗା ସହର ଅଞ୍ଚଳର ଅଧିକ କ୍ରୟ କ୍ଷମତା ଥିବା ଗ୍ରାହକମାନଙ୍କୁ ବିକ୍ରି କରିବାପାଇଁ ବୁଣାକାରମାନଙ୍କୁ ଏକତ୍ରିତ କରିବା, ପ୍ରାଥମିକ ବୁଣାକାର ସମବାୟ ସମିତି ଗଠନ କରିବା, ତାହା ମାଧ୍ୟମରେ ବୁଣିବାପାଇଁ ସୂତାରଙ୍ଗ ଯୋଗାଇବା ଏବଂ ଲୁଗା ବିକ୍ରି କରିବା ପରି ଏକାଧିକ ପଦକ୍ଷେପ ନିଆଯାଇଥିଲା । ରାଜ୍ୟ ସ୍ତରର ଶୀର୍ଷ ସମିତି, ପ୍ରାଥମିକ ବୁଣାକାର ସମବାୟ ସମିତିମାନେ ବୁଣାକାର ସଦସ୍ୟମାନଙ୍କଠାରୁ ସଂଗ୍ରହ କରିଥିବା ଲୁଗା ନିଜର ଦୋକାନ ଏବଂ ପ୍ରଦର୍ଶନୀ ମାଧ୍ୟମରେ ବିକ୍ରି କରିଥିଲେ । ସମବାୟ ସମିତି ବାହାରେ କାମ କରୁଥିବା ବୁଣାକାରମାନଙ୍କପାଇଁ ରାଜ୍ୟ ସ୍ତରରେ ହସ୍ତତନ୍ତ ଉନ୍ନୟନ ନିଗମ ଗଠନ କରାଯାଇଥିଲା । ଏହା ବ୍ୟତୀତ ଘରୋଇ ବ୍ୟବସାୟୀମାନେ ନିଜ ଅର୍ଥ ଓ ଉଦ୍ୟୋଗରେ ବୁଣାକାରମାନଙ୍କର ଲୁଗା ନେଇ ସହର ଅଞ୍ଚଳରେ ବିକ୍ରି କରିଥିଲେ । ହସ୍ତତନ୍ତ ଉନ୍ନୟନ ଏବଂ ବୁଣାକାରମାନଙ୍କର ଆର୍ଥିକ ଉନ୍ନତି ପାଇଁ, ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ବିଗତ ସାତଦଶନ୍ଧିରେ ଶତାଧିକ ଯୋଜନା ପ୍ରଣୟନ କରିଛନ୍ତି ।

୨୦୧୯ ମସିହାରେ ହୋଇଥିବା **ଚତୁର୍ଥ ଜାତୀୟ ହସ୍ତତନ୍ତ ଗଣନା** (census)ରୁ ଜଣାଯାଏ ଯେ ସାରା ଦେଶରେ ପୂରା ସମୟ କାମ କରୁଥିବା ବୁଣାକାରମାନଙ୍କର ସଂଖ୍ୟା ୬୭.୩୯ ଲକ୍ଷରୁ (୧୯୮୭ରେ) ୩୫.୨୨ ଲକ୍ଷକୁ (୨୦୧୯ରେ) କମିଯାଇଛି । ଅନୁରୂପ ଓଡ଼ିଶାରେ ଏହି ସଂଖ୍ୟା ୨.୪୬ ଲକ୍ଷରୁ ୧.୧୬ ଲକ୍ଷକୁ କମିଯାଇଛି । ନବେ ଶତକ ପର୍ଯ୍ୟନ୍ତ, ଓଡ଼ିଶାର ଜଗତସିଂହପୁର ଜିଲ୍ଲା ସରୁସୂତାରେ ଜାଲା /

ଡବିରେ, ବୁଟି ଡିଜାଇନ୍ ସହ ହସ୍ତତନ୍ତରେ ବୁଣା ଲୁଗାପାଇଁ ପ୍ରସିଦ୍ଧ ଥିଲା ଏବଂ ଲକ୍ଷାଧିକ ବୁଣାକାର ଏହି ବ୍ୟବସାୟରୁ ଜୀବିକା ନିର୍ବାହ କରୁଥିଲେ। ୧୯୯୯ ଅକ୍ଟୋବର ମାସର ମହାବାତ୍ୟା ଏହି ଜିଲ୍ଲାର ହସ୍ତତନ୍ତ ଶିଳ୍ପକୁ ବିପର୍ଯ୍ୟସ୍ତ କରି ଦେଇଥିଲା।

ଚତୁର୍ଥ ଜାତୀୟ ହସ୍ତତନ୍ତ ଗଣନାରୁ (୨୦୧୯ରେ) ଜଣାଯାଏ ଯେ ଦେଶରେ ୬୭% ବୁଣାକାରମାନଙ୍କର ମାସିକ ଆୟ ୫,୦୦୦ ଟଙ୍କାରୁ କମ୍। ଏହିପରି ସ୍ୱଳ୍ପ ଆୟ ଯୋଗୁଁ ବୁଣାକାରମାନେ ଏକାଧିକ ଆର୍ଥିକ ତଥା ସାମାଜିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ ଯୁବ ପିଢ଼ି ଏହି କୌଳିକ ବ୍ୟବସାୟ ପ୍ରତି ବୀତସ୍ପୃହ ହେଉଛନ୍ତି, ଫଳତଃ ବୁଣାକାରମାନଙ୍କର ସଂଖ୍ୟା କ୍ରମଶଃ କମିବାରେ ଲାଗିଛି।

ଏହି ପରିପ୍ରେକ୍ଷୀରେ, ଏହା ନିଃସନ୍ଦେହ ଯେ ହସ୍ତତନ୍ତର ଭବିଷ୍ୟତ **"ଜରୁରୀକାଳୀନ ଭିତ୍ତିରେ ବୁଣାକାରମାନଙ୍କର ଆୟ ଯଥେଷ୍ଟ ପରିମାଣରେ ବୃଦ୍ଧି କରିବା"** ଉପରେ ନିର୍ଭର କରେ। ଏହି ମହତ୍ ଉଦ୍ଦେଶ୍ୟ ନେଇ **"ଶ୍ରଦ୍ଧା" ସ୍ୱେଚ୍ଛାସେବୀ ଅନୁଷ୍ଠାନ** ତରଫରୁ ଏକ ସୁଚିନ୍ତିତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଅନୁଷ୍ଠାନର ମୁଖ୍ୟ ଉଦ୍ଦେଶ୍ୟ ହେଲା **"ବୁଣାକାରମାନଙ୍କର ଆୟ ବିଶେଷ ବୃଦ୍ଧି କରିବା"**। ଏଥିପାଇଁ ତିନୋଟି ଦିଗରେ ଯଥା (୧) ବୁଣାକାରମାନଙ୍କୁ **ବଜାର ତଥା ଗ୍ରାହକମାନଙ୍କର ରୁଚି ବିଷୟରେ ଜଣାଇବା,** (୨) **ଉନ୍ନତମାନର, ନୂଆ ଡିଜାଇନ୍ ଓ ରଙ୍ଗର ବସ୍ତ୍ର ବୁଣିବାପାଇଁ** ଏବଂ (୩) **ବୁଣିଥିବା ଲୁଗାକୁ ଇଣ୍ଟରନେଟ୍ ତଥା ସାମାଜିକ ଗଣମାଧ୍ୟମ ବ୍ୟବହାର କରି ଗ୍ରାହକମାନଙ୍କ ସହ ସିଧାସଳଖ ଯୋଗାଯୋଗ କରି ବିକ୍ରି କରିବାପାଇଁ** ବୁଣାକାରମାନଙ୍କୁ ସାହାଯ୍ୟ କରିବାପାଇଁ ପଦକ୍ଷେପ ନିଆଯାଉଅଛି।

ବୁଣାକାରମାନଙ୍କୁ ନିଜର ଶକ୍ତି ଉପରେ ବିଶ୍ୱାସ ରଖି ଆଗେଇବାକୁ ହେବ। ଅନ୍ୟ ଶିଳ୍ପ ପରି, ହସ୍ତତନ୍ତର **"ଭବିଷ୍ୟତ" ଖୋଲା ବଜାରରେ ଗ୍ରାହକ ପସନ୍ଦ ଅନୁଯାୟୀ ନୂଆ ରଙ୍ଗ ଓ ଡିଜାଇନର ତ୍ରୁଟିହୀନ ଲୁଗା ବୁଣି ତାହାକୁ ଉଚିତ ଦାମରେ ବିକ୍ରି କରିବା** ଉପରେ ନିର୍ଭର କରେ। ନିଜର ବୈଶିଷ୍ଟ୍ୟତା ଉପରେ

ନିର୍ଭର କରି, ହସ୍ତତନ୍ତ ଲୁଗାକୁ ଖୋଲା ବଜାରରେ କଳତନ୍ତରେ ବୁଣା ଲୁଗା ସହ ପ୍ରତିଯୋଗିତା କରି ଆଗେଇବାକୁ ହେବ । ଏହି **ପ୍ରତିଯୋଗିତାରେ ବିଜୟୀ ହେବା ପାଇଁ,** ହସ୍ତତନ୍ତରେ ଏପରି ଲୁଗା ବୁଣିବା ଆବଶ୍ୟକ, ଯାହା କଳତନ୍ତରେ ସମତୁଲ ଦାମରେ ବୁଣିବା ସମ୍ଭବପର ନୁହେଁ । ଅଧିକନ୍ତୁ **ହସ୍ତତନ୍ତରେ ବୁଣାଲୁଗା ଅଧିକ କ୍ରୟ କ୍ଷମତା ଏବଂ ଏହିପରି ଲୁଗାରେ ଆଗ୍ରହ ଥିବା ଗ୍ରାହକମାନଙ୍କ** ସହ ଯୋଗାଯୋଗ କରି, ସେମାନଙ୍କ ପାଖରେ ଠିକ୍ ସମୟରେ ପହଞ୍ଚାଇବା ଆବଶ୍ୟକ । ହସ୍ତତନ୍ତରେ ବୁଣାଲୁଗାର ଦାମ୍ ଅତ୍ୟଧିକ ବଢ଼ାଇବା ସମ୍ଭବ ନୁହେଁ, ତେଣୁ **ବୁଣାକାରମାନଙ୍କର ଆୟବୃଦ୍ଧି କରିବାର ଏକ ନିର୍ଭରଯୋଗ୍ୟ ଉପାୟ ହେଉଛି** – "ଇଣ୍ଟରନେଟ ମାଧ୍ୟମରେ ଅନଲାଇନରେ ଗ୍ରାହକମାନଙ୍କ ସହ ସିଧାସଳଖ ଯୋଗାଯୋଗ କରି, ଗ୍ରାହକମାନଙ୍କର ମନଲାଖି ଲୁଗା ବୁଣି, ଏହି ଲୁଗାକୁ ସ୍ପିଡ୍‌ପୋଷ୍ଟରେ ପଠାଇ, ବିକ୍ରି ଟଙ୍କା ସିଧା ସଳଖ ନିଜ ବ୍ୟାଙ୍କ୍ ଏକାଉଣ୍ଟ୍‌କୁ ଆଣିବା" ।

ବସ୍ତ୍ରବଜାରରେ କଳତନ୍ତରେ ବୁଣା ଲୁଗା ସହ ପ୍ରତିଯୋଗିତା କରି ନିଜର ସ୍ଥାନ ଅଧିକାର କରିବାପାଇଁ, **ହସ୍ତତନ୍ତରେ ବୁଣା ଲୁଗାକୁ ନିଜର ବୈଶିଷ୍ଟ୍ୟ ଉପରେ ନିର୍ଭର କରି** ଆଗେଇବାକୁ ହେବ । ସରକାରୀ ଅନୁଦାନ ଅର୍ଥ ବା ଅନ୍ୟ କାହାର ଦୟା ଉପରେ ନିର୍ଭର ନ କରି ବୁଣାକାର ନିଜର କଳା, ସାଧୁତା ଓ କର୍ତ୍ତବ୍ୟନିଷ୍ଠା ବଳରେ ଆତ୍ମସମ୍ମାନ ସହ ବଜାରରେ ତିଷ୍ଠିପାରିବ । ଆଜିର ଦିନରେ **ବୁଣାକାରମାନଙ୍କର ଏହି ଆତ୍ମବିଶ୍ୱାସ** ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ।

ବୁଣାକାରମାନେ ମନେ ରଖିବା ଉଚିତ ଯେ **"ବ୍ୟବସାୟରେ ଉନ୍ନତିପାଇଁ ଗ୍ରାହକ ହିଁ ଭଗବାନ"** । ଜଣେ ସାଧାରଣ ଗ୍ରାହକକୁ ଖୁସି ରଖିବାର ମୌଳିକ ଆବଶ୍ୟକତାଗୁଡ଼ିକ ହେଲା – (୧) ବୁଣିଥିବା ଲୁଗାର ଗୁଣମାନ (quality), ଯଥା ଲୁଗାର ବୁଣା (ରିଡ୍‌ପିକ), ଲମ୍ବା ଚଉଡ଼ା, ବଡ଼ର, ଆଞ୍ଚଳ ଠିକ ରଖିବା, (୨) **ଲୁଗାର ରଙ୍ଗ ପକ୍କା ରଖିବା,** ଯାହା ପାଣିରେ ଧୋଇବାରେ ଯେପରି ବୋହି ନ ଯାଏ ଓ (୩) ଲୁଗାର

**ଡିଜାଇନ୍ ଯେପରି ମନଲୋଭା** ରହେ, ସେଥିପାଇଁ ମୋଟିଫ ତଥା ରଙ୍ଗର ସମନ୍ୱୟ ଠିକ୍ ରଖିବା ।

ବୁଣାକାରମାନଙ୍କୁ ଆବଶ୍ୟକ ବୈଷୟିକ ଜ୍ଞାନ ଯୋଗାଇ ଦେବାପାଇଁ ଭାରତ ସରକାରଙ୍କ **"ବୁଣାକାର ସେବାକେନ୍ଦ୍ର"** ଭୁବନେଶ୍ୱରର ଶହୀଦ ନଗର (ରେଲୱେ ଓଭର ବ୍ରିଜ୍‌ର ଉତ୍ତରପାର୍ଶ୍ୱ)ଠାରେ କାର୍ଯ୍ୟ କରୁଅଛି । ଏଠାରେ ବୁଣାକାରମାନଙ୍କୁ ରଙ୍ଗ ଓ ଡିଜାଇନ୍ ବିଷୟରେ ପ୍ରଶିକ୍ଷଣ ଦିଆଯାଉଅଛି । ଏହାବ୍ୟତୀତ ରାଜ୍ୟ ସରକାରଙ୍କ ପକ୍ଷରୁ ବୁଣାକାର ବହୁଳ ଅଞ୍ଚଳରେ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ ଅଫିସ ରହିଅଛି । ବୁଣାକାରମାନେ ଏହାର ସୁବିଧା ନେଇ, **ତ୍ରୁଟିହୀନ ଲୁଗା ବୁଣିବା ଉପରେ ବିଶେଷ ଦୃଷ୍ଟି** ଦେବା ଆବଶ୍ୟକ ।

ବୁଣାକାରମାନେ ମନେ ରଖିବା ଉଚିତ ଯେ କିଣିଥିବା ଲୁଗାର ଗୁଣ ମାନ ଖରାପ ଥିଲେ, ଗ୍ରାହକମାନଙ୍କର ମନ ଭାଙ୍ଗିଯିବ, ଫଳରେ ସେମାନେ ହସ୍ତତନ୍ତ ଲୁଗା ପରିବର୍ତ୍ତେ କଳତନ୍ତ ଲୁଗା ପ୍ରତି ଆକୃଷ୍ଟ ହୋଇଯିବେ । ଜଣେ ଗ୍ରାହକ ଅସନ୍ତୁଷ୍ଟ ହେଲେ, ତାଙ୍କର କଥା ଅନ୍ୟମାନଙ୍କ କାନକୁ ଯିବ ଏବଂ ହସ୍ତତନ୍ତ ଲୁଗାର ବଜାର କ୍ଷତିଗ୍ରସ୍ତ ହେବ ।

ଉଚ୍ଚମାନ ଓ ଡିଜାଇନ୍‌ର ହସ୍ତତନ୍ତରେ ବୁଣାଲୁଗା ସାଧାରଣତଃ, ଉଚ୍ଚ ଆୟବର୍ଗର ଗ୍ରାହକ କିଣିଥାନ୍ତି । ସେହିପରି ଗ୍ରାହକ ଲୁଗା କିଣିଲାବେଳେ, ଏହାର ଦାମ୍ କଳତନ୍ତରେ ବୁଣାଲୁଗା ସହ ତୁଳନା କରନ୍ତି ନାହିଁ, ଏହା **ହସ୍ତତନ୍ତ ବୁଣାକାରଙ୍କପାଇଁ ଏକ ସୁଯୋଗ** କିନ୍ତୁ ଏହାକୁ ଅତିଯତ୍ନ ସହକାରେ ଆଗକୁ ନେବାକୁ ହେବ । ସେହି କାରଣରୁ କୌଣସି ଅବସ୍ଥାରେ ଗ୍ରାହକର ବିଶ୍ୱାସକୁ ଅପବ୍ୟବହାର କରି, **"ଅଧିକ ଲାଭ କରିବା ଆଶାରେ ଗ୍ରାହକକୁ ଠକାଇବା ଏକ ବିରାଟ ଭୁଲ"** ହେବ । ଏହା **"ସୁନା ଅଣ୍ଡା ଦେଉଥିବା କୁକୁଡ଼ାକୁ, ବେଶୀ ଲୋଭରୁ ଏକା ଦିନେ ସବୁ ଅଣ୍ଡା ପାଇବାପାଇଁ, ଜୀବନରୁ ମାରିଦେବା ପରି"** ମୂର୍ଖାମି ହେବ । ପୁନଶ୍ଚ, ଦୀର୍ଘ

ମିଆଦି ଭାବେ ବ୍ୟବସାୟ କରିବାପାଇଁ, ଗ୍ରାହକର ମନ ନେଇ, **"ଅଳ୍ପ ଲାଭରେ ବେଶୀ ପରିମାଣରେ ବିକ୍ରୀ"**ର **ରଣନୀତି** ଉପରେ ଗୁରୁତ୍ୱ ଦେବା ବୁଦ୍ଧିମାନର କାମ ହେବ ।

ବ୍ୟବସାୟ କରିବାର ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି **ସମୟାନୁବର୍ତ୍ତିତା** । ଗ୍ରାହକମାନଙ୍କପାଇଁ ଲୁଗା ବୁଣିଦେବା ବିଷୟରେ, ନିଜେ ଦେଇଥିବା ତାରିଖ ବା ସମୟସୀମାକୁ ବୁଣାକାରମାନଙ୍କୁ ମାନିବାକୁ ହେବ । ଏଥିପାଇଁ ନିର୍ଦ୍ଦିଷ୍ଟ ଦିନର, ଦିନେ ଦୁଇଦିନ ଆଗରୁ ଲୁଗାବୁଣି ପ୍ରସ୍ତୁତ କରିବା ଆବଶ୍ୟକ । କୌଣସି ପରିସ୍ଥିତିରେ ବିଳମ୍ବ କଲେ, ଗ୍ରାହକମାନଙ୍କର ମନ ଭାଙ୍ଗିଯିବ । ସେଥିପାଇଁ **ଲୁଗା ଦେବାର ସମୟସୀମାକୁ ସବୁଦିଗରୁ ଭାବି ଠିକ୍ କରିବାକୁ ହେବ ।**

ନୂତନ ଉପାୟରେ ଦୂରରେ ଥିବା **ଗ୍ରାହକ ପାଖକୁ ଲୁଗା ପଠାଇବାପାଇଁ ସ୍ପିଡ୍‌ପୋଷ୍ଟ ମାଧ୍ୟମ** ବ୍ୟବହାର କରାଯାଇ ପାରିବେ । ଏଥିପାଇଁ ଗ୍ରାହକର ଠିକଣା, ପିନ୍‌କୋଡ ଆଦି ସଠିକ୍ (ନିର୍ଭୁଲ) ଭାବେ ଲେଖି ରଖିବା ଆବଶ୍ୟକ । ବୁଣାଲୁଗାଟିକୁ ପଠାଇବା ପୂର୍ବରୁ, **ଏହାକୁ ଭଲଭାବରେ ପ୍ୟାକିଂ କରିବାର ବିଶେଷ ଗୁରୁତ୍ୱ** ରହିଛି, ଯେପରି ଏହା ପାଣି ବା ମଇଳା ଲାଗି ଅସନା ନ ହୁଏ । ଦାମୀ ଲୁଗା ଗ୍ରାହକକୁ ବିକ୍ରିକରି ନିଜର ଆୟ ବଢ଼ାଇବା ନିମନ୍ତେ ଏହିସବୁ ବିଷୟ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ପଡିବ ।

ସାରା ବିଶ୍ୱରେ ଦୃତଗତିରେ ଶିଳ୍ପାୟନ, କଳକାରଖାନା ଓ ଯାନବାହନରେ କୋଇଲା, ଖଣିଜତୈଳର ବ୍ୟାପକ ବ୍ୟବହାର, ତଥା ଜଙ୍ଗଲ ଅବକ୍ଷୟ ଆଦିକାରଣ ଯୋଗୁଁ **ବିଶ୍ୱର ତାପମାନ ଅତ୍ୟଧିକ ଭାବରେ ବଢ଼ି**ଚାଲିଛି । ଏହା ଫଳରେ ଜଳବାୟୁ ପରିବର୍ତ୍ତନ ଏବଂ ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ଅସ୍ୱାଭାବିକ ଗତିରେ ବଢ଼ିଚାଲିଛି । ଫଳରେ କୃଷି, କୃଷକ ତଥା ଜନସାଧାରଣ ବିଶେଷଭାବେ କ୍ଷତିଗ୍ରସ୍ତ ହେଉଛନ୍ତି । ଏହି ପରିସ୍ଥିତିକୁ ନିୟନ୍ତ୍ରଣ କରି, ବିଶ୍ୱର ପ୍ରଗତିକୁ ଚିରସ୍ଥାୟୀ (sustainable)

କରିବା ଉଦ୍ଦେଶ୍ୟରେ, **୧୭ଟି ଚିରସ୍ଥାୟୀ ପ୍ରଗତି ଲକ୍ଷ୍ୟ (SDG) ୨୦୩୦** ଜାତିସଂଘର ସଦସ୍ୟ ଦେଶସମୂହ ଗ୍ରହଣ କରିଛନ୍ତି । ଏହା ଉଲ୍ଲେଖଯୋଗ୍ୟ ଯେ ଗାଁଗହଳରେ ହସ୍ତତନ୍ତରେ ଲୁଗା ବୁଣୁଥିବା ବୁଣାକାର ଭାଇଭଉଣୀମାନେ ଏହି ମହତ୍ ଉଦ୍ଦେଶ୍ୟ ଜଡ଼ିତ ଏକାଧିକ ଲକ୍ଷ୍ୟ ସାଧନରେ ସହଯୋଗ କରୁଛନ୍ତି । **ହସ୍ତତନ୍ତର ଉନ୍ନୟନ ଓ ବୁଣାକାରମାନଙ୍କର ଆୟବୃଦ୍ଧି** ଫଳରେ, **ଦାରିଦ୍ର୍ୟ ଦୂରୀକରଣ** (ଲକ୍ଷ୍ୟ ନ. ୧), **ଅନାହାର ଦୂରୀକରଣ** (ଲକ୍ଷ୍ୟ ନ. ୨), **ସ୍ୱାସ୍ଥ୍ୟସେବା** (ଲକ୍ଷ୍ୟ ନ. ୩), **ଶିକ୍ଷାର ସୁବିଧା** (ଲକ୍ଷ୍ୟ ନ. ୪), **ମହିଳା ସଶକ୍ତିକରଣ** (ଲକ୍ଷ୍ୟ ନ. ୫), ଏବଂ **ଜଳବାୟୁ ଓ ପରିବେଶ ନିୟନ୍ତ୍ରଣ** (ଲକ୍ଷ୍ୟ ନ. ୧୩) ପରି **ପାଞ୍ଚୋଟି ଅତି ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ ଦୀର୍ଘମିଆଦି ଲକ୍ଷ୍ୟ** ହାସଲରେ ବିଶେଷ ସହାୟକ ହେବ ।

ଏହି ପରିପ୍ରେକ୍ଷୀରେ, **"ଭାରତୀୟ ଜୀବନ ବୀମା ନିଗମ"ର ସହାୟତା**ରେ **"ଶ୍ରଦ୍ଧା ସ୍ୱେଚ୍ଛାସେବୀ ଅନୁଷ୍ଠାନ"ଦ୍ୱାରା** ଜଗତସିଂହପୁର ଜିଲ୍ଲାର **ଓଡ଼ିଶୋ** ଗ୍ରାମର ବୁଣାକାରମାନଙ୍କର ଆୟ ଓ ଦକ୍ଷତାବୃଦ୍ଧିପାଇଁ, ଗୋଟିଏ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଅଛି । ଏହି କାର୍ଯ୍ୟକ୍ରମରେ ମହିଳା ବୁଣାକାରମାନଙ୍କୁ ଉଚ୍ଚମାନର, ନୂଆ ରଙ୍ଗ, ନୂଆ ଡିଜାଇନ୍‌ର ସୂତାଶାଢ଼ୀ ଓ ଡ୍ରେସ୍‌ପାଇଁ ଥାନକପଡା ବୁଣିବା ପାଇଁ ପ୍ରଶିକ୍ଷଣ ଦିଆଯିବ। ଏଥିସହିତ, ସ୍ୱୟଂ ସହାୟକ ଗୋଷ୍ଠୀରେ ସମସ୍ତେ ଏକାଠି ହୋଇ କାମ କରିବା, ବ୍ୟାଙ୍କ୍ ସହ ଯୋଗାଯୋଗ, ମୋବାଇଲ୍ ଫୋନ୍ ଓ ସାମାଜିକ ଗଣମାଧ୍ୟମରେ କିଣାବିକା, ଗ୍ରାହକମାନଙ୍କ ସହ ଯୋଗାଯୋଗ ଆଦି (ସୂକ୍ଷ୍ମକୌଷଳ) ବିଷୟରେ ପ୍ରଶିକ୍ଷଣ ଦିଆଯିବ । ଏହି କାର୍ଯ୍ୟକ୍ରମ ୪୫ ଦିନ ଧରି ଲୁଗାବୁଣା ଓ ଆନୁଷଙ୍ଗିକ ବିଷୟରେ ଚାଲିବ । ମହିଳା ବୁଣାକାରମାନଙ୍କୁ ବଜାର ଓ ଗ୍ରାହକମାନଙ୍କ ରୁଚି ବିଷୟରେ ଅବଗତ କରାଇବାପାଇଁ, ଭୁବନେଶ୍ୱରରେ ଥିବା ବୁଣାକାର ସେବାକେନ୍ଦ୍ର ଓ ରାଜ୍ୟ ସରକାରଙ୍କ "କଳାଭୂମି" ପରିସର ବୁଲି ଦେଖିବାର ବ୍ୟବସ୍ଥା କରାଯିବ ।

ଏବେ ଏହି ମହିଳା ବୁଣାକାରମାନେ ମୋଟା ସୂତାରେ ଶାଢ଼ୀ, ଧୋତି , ଗାମୁଛା ଆଦି ବୁଣି ମାସକୁ ପ୍ରାୟ ତିନିହଜାର ଟଙ୍କା ଉପାର୍ଜନ କରୁଛନ୍ତି । ପ୍ରଶିକ୍ଷଣ କାର୍ଯକ୍ରମ ଫଳରେ ସେମାନଙ୍କର ଆୟ ହାରାହାରି ମାସକୁ ଦଶହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।

ବୁଣାକାରମାନଙ୍କର ଆୟ ବଢ଼ାଇବାପାଇଁ ନିଆଯାଉଥିବା ଏହି ପଦକ୍ଷେପଗୁଡ଼ିକର **ସଫଳ ରୂପାୟନ, ବୁଣାକାରମାନଙ୍କର ପୂର୍ଣ୍ଣ ସମର୍ଥନ** ଉପରେ ନିର୍ଭର କରେ ।ଏହା ବୁଝି, ଏଥିନିମନ୍ତେ ଏକାଗ୍ରତା, ଆନ୍ତରିକତା, ଓ ପରିଶ୍ରମ ସହ ଆଗେଇ ଆସିବାକୁ ବୁଣାକାର ଭାଇ ଓ ଭଉଣୀମାନଙ୍କୁ ବିନମ୍ର ଅନୁରୋଧ । ଅଧିକନ୍ତୁ, ଆମ ରାଜ୍ୟର ଐତିହ୍ୟ, ପରମ୍ପରା, ଓ ଅସ୍ମିତାର ଏକ ଅନନ୍ୟ ଅଙ୍ଗଭାବେ ବିଦିତ ହସ୍ତତନ୍ତ ଶିଳ୍ପର ବିକାଶ ନିମନ୍ତେ, ସଂପୃକ୍ତ ପ୍ରାଥମିକ ବୁଣାକାର ସମବାୟ ସମିତି, ସ୍ଥାନୀୟ ପଞ୍ଚାୟତ ସମିତି, ରାଜ୍ୟ ତଥା କେନ୍ଦ୍ର ସରକାର, ଗଣମାଧ୍ୟମ, କ୍ରେତା ଓ ଜନସାଧାରଣ ଆବଶ୍ୟକ ସାହଯ୍ୟ ଓ ସହଯୋଗ କରିବାକୁ ଅନୁରୋଧ ।

●